# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 25 MAY– 2026

---

## ରାଷ୍ଟ୍ରପତି-ପଦ୍ମ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପ୍ରଥମ ପର୍ଯ୍ୟାୟ ବେସାମରିକ ସମ୍ମାନ ପଦ୍ମ ପୁରସ୍କାର ପ୍ରଦାନ କରିବେ। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହରେ ପଦ୍ମବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ବିଜେତା ୬୬ଜଣଙ୍କୁ ପୁରସ୍କୃତ କରାଯିବ। ସମାରୋହରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପ୍ରମୁଖ ଉପସ୍ଥିତ ରହିବେ । ଆଜି ୨ଜଣ ପଦ୍ମ ବିଭୂଷଣ, ୬ଜଣ ପଦ୍ମଭୂଷଣ ଏବଂ ୫୮ଜଣ ପଦ୍ମଶ୍ରୀ ବିଜେତାଙ୍କୁ ପୁରସ୍କୃତ କରାଯିବ । ଚଳିତବର୍ଷ ମୋଟ୍ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ପୁରସ୍କାର ପ୍ରଦାନ ସମାରୋହ ନେଇ ପରେ କାର୍ଯ୍ୟସୂଚୀ ଘୋଷଣା କରାଯିବ । ଓଡ଼ିଶାରୁ ଚରଣ ହେମ୍ବ୍ରମ, ମହେନ୍ଦ୍ର କୁମାର ମିଶ୍ର, ଶରତ କୁମାର ପାତ୍ର ଏବଂ ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି। ଆଜି ମହେନ୍ଦ୍ର କୁମାର ମିଶ୍ର ପୁରସ୍କୃତ ହେବେ ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ରାଜ୍ୟରେ ଶିଳ୍ପାୟନର ଅନୁକୂଳ ବାତାବରଣ ସ୍ଥାନୀୟ ଅର୍ଥନୀତିକୁ ନୂତନ ଗତି ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଖୋର୍ଦ୍ଧା ଜିଲ୍ଲାର ଦୁଇଟି ପ୍ରମୁଖ ଶିଳ୍ପସଂସ୍ଥାକୁ ଗତକାଲି ଗସ୍ତ ଅବସରରେ

ମୁଖ୍ୟମନ୍ତ୍ରୀ କହିଛନ୍ତି ଯୁବବର୍ଗଙ୍କୁ ରାଜ୍ୟରେ ସମ୍ମାନଜନକ ତଥା ଶ୍ରେଷ୍ଠ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ପାଇଁ ସରକାର ସଂକଳ୍ପବଦ୍ଧ । ଏହି ଅବସରରେ ଶ୍ରୀ ମାଝୀ ଶିଳ୍ପ ପ୍ରତିଷ୍ଠାନର କର୍ମଚାରୀଙ୍କ ସହ ମତ ବିନିମୟ କରିଛନ୍ତି ।

## ମୁକେଶ ମହାଲିଙ୍ଗ-ବୈଠକରେ ଯୋଗଦାନ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ  ଲୋଇସିଂହା ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତର ପ୍ରମୁଖ କର୍ମକର୍ତ୍ତା ଏବଂ ସାଂଗଠନିକ ପ୍ରତିନିଧିଙ୍କ ସହ ଏକ ବୈଠକରେ ଯୋଗ ଦେଇଥିଲେ । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଡକ୍ଟର ମହାଲିଙ୍ଗ ଆଲୋକପାତ କରିବା ସହ ତୃଣମୂଳ ସ୍ତରରେ ଏହାକୁ ପହଞ୍ଚାଇବା ନେଇ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି ।

## ସିବିଏସ୍‌ଇ ଦ୍ୱାଦଶଶ୍ରେଣୀ

ସିବିଏସ୍‌ଇ ଦ୍ୱାଦଶଶ୍ରେଣୀ ବୋର୍ଡ ପରୀକ୍ଷା ମୂଲ୍ୟାଙ୍କିତ ଉତ୍ତର ଖାତାର ସ୍କାନ୍ କପି ପାଇବାର ଶେଷ ତାରିଖକୁ ଆଜି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅନ୍ୟପକ୍ଷରେ ଆବେଦନ ପ୍ରକ୍ରିୟାରେ ଫି’ ଦାଖଲ ନେଇ ଦେଖାଦେଇଥିବା ସମସ୍ୟା ଉପରେ ପରିଷଦ ସ୍ପଷ୍ଟୀକରଣ ଦେଇଛି । କେତେକ ବୈଷୟିକ ତ୍ରୁଟି ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ପରିଷଦ କହିଛି । ତେବେ ଅତିରିକ୍ତ ଦେୟକ୍ଷେତ୍ରରେ ଅର୍ଥରାଶି ଛାତ୍ରଛାତ୍ରୀଙ୍କୁ ଫେରସ୍ତ ଏବଂ ବକେୟା

କ୍ଷେତ୍ରରେ ପୃଥକ୍ ପୃଥକ୍ ଭାବେ ସୂଚନା ପ୍ରଦାନ କରାଯିବ ବୋଲି ପରିଷଦ କହିଛି ।

## ସିୟୁଇଟି-ୟୁଜି ପରୀକ୍ଷା ସ୍ଥଗିତ

ସ୍ନାତକ ପାଠ୍ୟକ୍ରମ ପାଇଁ ଅନୁଷ୍ଠିତ ହେବାକୁ ଥିବା ମିଳିତ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ସିୟୁଇଟି-ୟୁଜି ୨୦୨୬କୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି । ଆସନ୍ତା ୨୮ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା। ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଇଦ୍-ଉଲ୍-ଜୁହା ପାଳନ ଦିବସର ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ପରବର୍ତ୍ତୀ ପରୀକ୍ଷା ତାରିଖ ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ଏନ୍‌ଟିଏ କହିଛି ।

## ଆମ୍ବ ରପ୍ତାନୀ

ଢେଙ୍କାନାଳ ଜିଲ୍ଲାର ୬ କ୍ୱିଣ୍ଟାଲ ଆମ୍ବ ଗ୍ରୀସ୍‌କୁ ରପ୍ତାନୀ କରାଯାଇଛି । ଜିଲ୍ଲା ଉଦ୍ୟାନ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗତବର୍ଷ ୫୮ଟନ୍ ଆମ୍ବ ରପ୍ତାନୀ ହୋଇଥିବାବେଳେ ଚଳିତବର୍ଷ ୨୦୦ଟନ୍‌ରୁ ଅଧିକ ରପ୍ତାନୀ ପାଇଁ ଲକ୍ଷ୍ୟ ରଖାଯାଇଛି । ଆଗାମୀ ଦିନରେ ଇଟାଲୀ, ବର୍ମିଂହମ୍, ରୋମ୍ ଏବଂ ଦକ୍ଷିଣ ଆଫ୍ରିକାକୁ ଆମ୍ବ ରପ୍ତାନୀ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ହୃଦ୍‌ରୋଗ ଚିକିତ୍ସା

ନବରଙ୍ଗପୁର ଜିଲ୍ଲାରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଶିଶୁଙ୍କୁ ମାଗଣା ହୃଦ୍‌ରୋଗ ଚିକିତ୍ସା ସୁବିଧା ବ୍ୟବସ୍ଥା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୭ଜଣ ପୀଡିତ ଶିଶୁଙ୍କୁ ଅସ୍ତ୍ରୋପଚାର ପାଇଁ ରାୟପୁରକୁ ପଠାଯାଇଛି । ଯୋଜନା ଅଧୀନରେ ଚିକିତ୍ସା ପାଇଁ ୭୦ଜଣଙ୍କୁ ଚିହ୍ନଟ କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ପ୍ରସ୍ତୁତି ବୈଠକ

ଆଗାମୀ ମୌସୁମୀ ଋତୁରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ କମିଟି ଏବଂ ଜିଲ୍ଲା ବିପର୍ଯ୍ୟୟ ପ୍ରାଧିକରଣର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ୍ରାଫ, ଏଲ୍‌ଡିଆର୍‌ଏଫ୍ ଏବଂ ସ୍ୱେଚ୍ଛାସେବୀ ସଂଗଠନ, ସ୍ଥାନୀୟ ପ୍ରତିନିଧି ଓ ପ୍ରଶାସନିକ କର୍ମକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକୁ ବ୍ୟବସ୍ଥିତ ଢ଼ଙ୍ଗରେ କାର୍ଯ୍ୟକାରୀ କରିବା ନେଇ ବୈଠକରେ ଆଲୋଚନା ହୋଇଛି ।

## ଗଜପତିଙ୍କ ଶ୍ରାଦ୍ଧବାର୍ଷିକୀ

ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ରାଜ୍ୟବ୍ୟାପୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି ।

ବିଧାନସଭା ପରିସରରେ ଆଜି ଉପମୁଖ୍ୟମନ୍ତ୍ରୀ, ବାଚସ୍ପତି, ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ବିଧାୟକମାନେ ଉପସ୍ଥିତ ରହି ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି ।

## ୱାର୍ଲଡ ଥାଇରଏଡ୍ ଡେ

ଥାଇରଏଡ ରୋଗ ସଂପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଥାଇରଏଡ୍ ଦିବସ ପାଳନ କରାଯାଉଛି । ଏହି ରୋଗର କାରଣ, ପ୍ରଭାବ ଏବଂ ଏହାର ନିରାକରଣ ସଂପର୍କରେ ଲୋକଙ୍କୁ ଅଧିକ ସଚେତନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଶରୀରରେ ଥାଇରଏଡ୍ ଗ୍ରନ୍ଥୀର ଆକାର ଛୋଟ ହୋଇଥିଲେ ମଧ୍ୟ ଏହାର ଜୀବନ ଶୈଳୀରେ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହି ଦିବସ ପାଳନ ଅବସରରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପ୍ରବଳ ଗରମ ଓ ଗୁଳଗୁଳି ଅନୁଭୂତ ହେବ । ଗତକାଲି ୨୦ଟି ସହରର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଉପରେ ରହିଥିଲା । ଟିଟିଲାଗଡରେ ସର୍ବାଧିକ ତାପମାତ୍ରା ୪୫ ଦଶମିକ ୮ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା । ଗ୍ରୀଷ୍ମଲହରୀ ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କେତେକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

# ବେସ୍‌ବଲ ଚାମ୍ପିୟନସିପ୍

ଭୁବନେଶ୍ୱରରେ ୩୧ତମ ଜାତୀୟ ଉପକନିଷ୍ଠ ବେସ୍‌ବଲ ଚାମ୍ପିୟନସିପ୍ ଉଦ୍‌ଘାଟିତ ହୋଇଛି । ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ସାରା ଦେଶରୁ ୨୦ଟି ବାଳକ ଓ ୧୮ଟି ବାଳିକା ଦଳ ଭାଗ ନେଇଛନ୍ତି ।